भाकृअनुप - राष्ट्रीय चावल अनुसंधान संस्थान
ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ

**୨୦୨୧ ମସିହା ଏପ୍ରିଲ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ରୁଆ ଧାନରେ ପିଲ ବାହାରିବା ସମୟରେ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ସହିତ ୧୧ କି.ଗ୍ରା. ଏମ୍.ଓ.ପି (ପଟାସ ସାର) ପ୍ରୟୋଗ କରନ୍ତୁ । କାଦୁଅ ବୁଣା ଧାନରେ ଏକର ପ୍ରତି ୨୨ କି.ଗ୍ରା. ୟୁରିଆ ସହିତ ୧୧ କି.ଗ୍ରା.ଏମ୍.ଓ.ପି. ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଗୋଟି ଯୌନ ସମ୍ବେଦନଶୀଳ ଯନ୍ତ୍ରା ରଖନ୍ତୁ । ଯେତେବେଳେ ଗୋଟିଏ ଦିନରେ ଯନ୍ତ୍ରା ପ୍ରତି ୪ ରୁ ୫ ପୁରୁଷ ପ୍ରଜାପତି ପଡିବେ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କେ.ଜି **କିମ୍ବା** କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ **କିମ୍ବା** କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ପତ୍ରଚିତା ରୋଗ ଦେଖାଦିଏ ତେବେ ଏକର ପିଛା ମାଙ୍କୋଜେବ୍ ୫୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ସହିତ ପଟାସ୍ ସାର (ଏମ୍.ଓ.ପି.) ୧୦କି.ଗ୍ରା. ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ ।

- ବାୟୁମଣ୍ଡଳର ତାପମାତ୍ରା ସାଧାରଣଠାରୁ ଅଧିକ ରହିବ ଓ ଧିରେ ଧିରେ ବଢ଼ିବାର ପୂର୍ବାନୁମାନ ରହିଛି । ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳ ବୈଶାଖୀ ବର୍ଷା ଯୋଗୁଁ ବାଦାମୀ ଗୁଣ୍ଡିପୋକ (ବି.ପି.ଏଚ୍) ବା ଚକଡା ପୋକ ଆକ୍ରମଣର ଅଧିକ ସମ୍ଭାବନା ଅଛି । ବାଦାମୀ ଗୁଣ୍ଡିପୋକର ଆର୍ଥିକ ଦେହଳୀ ସୀମାରେଖା ଅର୍ଥାତ୍ ୫-୧୦ ଗୋଟି ପୋକ ପ୍ରତିବୁଦା ଦେଖାଦେଲେ ନିମ୍ନଲିଖିତ ଉପଦେଶଗୁଡିକ ଧାନରେ ରଖନ୍ତୁ । ଧାନ ଗଛର ସୂକ୍ଷ୍ମ ପରିବେଶକୁ ବଦଳାଇବା ଆବଶ୍ୟକ । ଯେପରିକି ଜମିକୁ କିଛିଦିନ ଆର୍ଦ୍ର ଏବଂ କିଛିଦିନ ଶୁଖିଲା କରିବା ଅର୍ଥାତ୍ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆପାଣି ରଖନ୍ତୁ ନାହିଁ । ଏହା ସତ୍ତ୍ୱେ ଯଦି ପୋକ ନିୟନ୍ତ୍ରଣ ନହୁଏ ତେବେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ % ଏସ୍.ସି. ୯୫ ଗ୍ରାମ୍ କିମ୍ବା ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଏକର ପିଛା ଏସିଫେଟ୍

୭୫% ଏସ୍. ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡିପୋକ ଲାଗିଥିଲେ କେବଳ ଅନୁମୋଦିତ ଔଷଧ ହିଁ ଉପଯୁକ୍ତ ପରିମାଣର ବ୍ୟବହାର କରନ୍ତୁ ।

- ଯଦି ଗନ୍ଧିପୋକର ଆର୍ଥିକ ଦେହଳୀ ସୀମା ଅର୍ଥାତ୍ ବୁଦାପ୍ରତି ୨ରୁ ଅଧିକ ଗନ୍ଧିପୋକ ଦେଖାଯାଏ ତେବେ ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି. ୧୦ କି.ଗ୍ରା. ଗୁଣ୍ଡକୁ ପ୍ରତି ଏକର ସକାଳେ ପବନ ନଥିବା ସମୟରେ ପ୍ରୟୋଗ କରନ୍ତୁ ।
- ଯଦି କେଣ୍ଡା କଟା ସଂବାଲୁଆ ଦେଖାଯାଏ ତେବେ କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର ସକାଳ ସମୟରେ ଧାନ ଗଛର ମୂଳକୁ ସିଞ୍ଚନ କରନ୍ତୁ ।
- ଯେଉଁ ଜମିରେ ମାଟିର ଆର୍ଦ୍ରତା ଅଛି ସେଠାରେ ଖରାଟିଆ ପ୍ରଥମ ଚାଷ କରିଦିଅନ୍ତୁ ।

*******